ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Industry(OD)/223/12-05-2021**

# ମେଡିକାଲ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ ନିମନ୍ତେ ଶିଳ୍ପନୀତିରେ ସଂଶୋଧନ

ଭୁବନେଶ୍ୱର, ମଇ ୧୨, ୨୦୨୧

ଦେଶରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରୀର ସଂକ୍ରମଣ ଏବଂ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ଅମ୍ଳଜାନ ଅଭାବଜନିତ ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଉଦ୍‌ବେଗଜନକ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ଶିଳ୍ପନୀତି-୨୦୧୫ରେ ଆବଶ୍ୟକୀୟ ସଂଶୋଧନ କରି ଅନୁପଯୋଗୀ ତାଲିକାରେ ଥିବା ଏହି ଶିଳ୍ପ ସଂସ୍ଥାଗୁଡ଼ିକୁ ସେହି ତାଲିକାରୁ ବାଦ ଦେଇ ସେଗୁଡ଼ିକୁ ସରକାରୀ ପ୍ରୋତ୍ସାହନଯୋଗ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ମେଡିକାଲ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପ ସଂସ୍ଥା, ରିଫିଲିଂ ୟୁନିଟ୍ ଏବଂ ଟ୍ୟାଙ୍କର ପ୍ରଭୃତି ପ୍ରାଥମିକତା ତାଲିକାରେ ସ୍ଥାନିତ ହୋଇଛନ୍ତି । ସରକାରଙ୍କ ଏହି ପଦକ୍ଷେପ ଶିଳ୍ପ ସଂସ୍ଥାଗୁଡ଼ିକୁ ଏ କ୍ଷେତ୍ରରେ ଅଧିକ ଉତ୍ସାହିତ କରିବ ଏବଂ ପ୍ରାଥମିକତା ବର୍ଗର ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ରହିଥିବା ସମସ୍ତ ସୁଯୋଗ ଯଥା-ରିହାତି ଦରରେ ଜମି, ଷ୍ଟାମ୍ପ ଶୁଳ୍କ ଛାଡ଼, ବିଦ୍ୟୁତ ଦେୟ ଛାଡ଼, ରାଜ୍ୟ ଦ୍ରବ୍ୟ ଓ ସେବା କର (ସିଜିଏସ୍‌ଟି)ଭରଣା ଆଦି ସୁବିଧା ପାଇପାରିବେ ।

ସୁବାଷ ନିଆଲ
ସୂଚନା ଅଧିକାରୀ